## ବଟି ମାଗି ଦୁଇ କୋର୍ଟ ଚାଲାଣ

**ଅନୁଗୋଳ ଅଫିସ :** ଦାଦା ବଟି ମାଗିବା ଅଭିଯୋଗରେ ଅନୁଗୋଳ ସଦର ଥାନା ସାକସିଙ୍ଗାରୁ ଦୁଇଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଦୁଇ ଅଭିଯୁକ୍ତ ମଦ୍ୟପାନ କରି ଗେଲ୍ ଇଣ୍ଡିଆ କାର୍ଯ୍ୟସ୍ଥଳରେ ନିୟୋଜିତ ଜଣେ ସୁରକ୍ଷା କର୍ମୀଙ୍କୁ ମାଡ଼ ମାରିବା ସହ ଦାଦା ବଟି ମାଗିବା ଅଭିଯୋଗ ହୋଇଥିଲା। ସାଇଟ୍ ଇନ୍‌ଚାର୍ଜ ଅଶୋକ କୁମାର ପଟ୍ଟନାୟକଙ୍କ ଏତଲା ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ମିଳିଛି।

**ସଂକ୍ଷେପରେ**

## କାଇପଦରକୁ ହରାଇ ମାର୍ଥାପୁର ସେମିରେ

**ଭୁବନ, ୧୧।୧(ଡି.ଏନ.ଏ.):** ଭୁବନ ବ୍ଲକ ମାର୍ଥାପୁର ଗ୍ରାମ ଖେଳପଡ଼ିଆରେ ଆରମ୍ଭ ହୋଇଥିବା ୩୫ତମ ଯୋଗମାୟା ଚ୍ୟାଲେଞ୍ଜ ଟ୍ରଫିର ସୋମବାର ଖେଳାଯାଇଥିବା ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ କାଇପଦରକୁ ହରାଇ ମାର୍ଥାପୁର ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ମାର୍ଥାପୁର ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୧୪ ରନ୍ ସଂଗ୍ରହ କରିଥିଲା। ସୂର୍ଯ୍ୟକାନ୍ତ ମଲ୍ଲିକ ଧୂଆଁଧାର ବ୍ୟାଟିଂ କରି ମାତ୍ର ୩୪ ବଲ୍‌ରୁ ୭୯ ରନ୍ ସଂଗ୍ରହ କରିଥିଲେ। ଜବାବରେ କାଇପଦର ୧୮ ଓଭର ବ୍ୟାଟିଂ କରି ୧୬୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳର ସୂର୍ଯ୍ୟକାନ୍ତ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ସବ୍ୟସାଚୀ ସାହା, ଗିରିଜା ପ୍ରସାଦ ମିଶ୍ର ଖେଳ ପରିଚାଳନା କରିଥିବାବେଳେ ସୌମ୍ୟରଞ୍ଜନ ରାଉତ ଧାରାବିବରଣୀ ଦେଇଥିଲେ। ରବିବାର ପ୍ରଥମ ମ୍ୟାଚରେ କାମାକ୍ଷାନଗରକୁ ହରାଇ ବଡ଼ମ୍ବା ସେମିଫାଇନାଲରେ ପ୍ରବେଶ କରିଥିଲା। ମଙ୍ଗଳବାର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ କଟକ ବୈଦେଶ୍ୱର ଏବଂ କଳିଙ୍ଗ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଆନ୍ତଃଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ

**ମାଧପୁର,୧୧।୧:** ଆଠମଲ୍ଲିକ ବ୍ଲକ ମାଧପୁର ଖେଳପଡ଼ିଆରେ ଚାଲିଥିବା ସ୍ୱାଗତ ରଞ୍ଜନ ଆନ୍ତଃ ଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଅତିଥିଭାବେ ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ ବଘାର, ପୂର୍ବତନ ସରପଞ୍ଚ ଘାସିରାମ ମହାଖୁଡ଼, କନ୍ଧପଡା ସରପଞ୍ଚ ଦିଲୀପ ମହାଖୁଡ଼ ଯୋଗ ଦେଇଥିଲେ। ସୋମବାର ଦ୍ୱିତୀୟ ଦିବସ ମ୍ୟାଚ ରାଉରକେଲା ଏବଂ ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଦଳ ୨-୨ ଗୋଲ ଦେବାରୁ ଫଳ ବାହାରିପାରି ନ ଥିଲା। ଟ୍ରାଇବେକରରେ ୪-୩ ଗୋଲରେ ସୋନପୁର ବିଜୟ ଲାଭ କରିଥିଲା। ସୋନପୁରର ଅନୁରାଗ ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ମଦ ଜବତ, ୪ ଗିରଫ

**ଅନୁଗୋଳ ଅଫିସ, ୧୧।୧:** ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ ଜଣଙ୍କୁ ଗିରଫ କରାଯିବା ସହ ୭୦ ଲିଟର ଦେଶୀ ମଦ ଓ ଶହେ କିଲୋଗ୍ରାମ ପୋଚ ଜବତ କରାଯାଇଛି। ଜରପଡ଼ା ଥାନା ରାଉତଳ ଗ୍ରାମର ସଞ୍ଜୟ ପଲେଇ (୬୦), ଭାଗୀରଥପୁରର ସଞ୍ଜୟ ପ୍ରଧାନ (୩୦) ଓ ଅନୁଗୋଳ ସଦର ଥାନା ରନ୍ତଲେଇ ଗ୍ରାମର ଅଭି ବେହେରା(୨୮)ଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିପରି କିଶୋରନଗର ବ୍ଲକ ବାମୁର ଛକ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ହଣ୍ଡପା ଥାନା କନ୍ଧରାମୁଣ୍ଡା ଗ୍ରାମର ସୁନୀଲ ସାହୁଙ୍କୁ ଗିରଫ କରାଯାଇଛି। ଆଠମଲ୍ଲିକ ଅବକାରୀ ନିରୀକ୍ଷକ ଅନିତା ଓଝାଙ୍କ ସମେତ କର୍ମଚାରୀମାନେ ଚଢ଼ାଉ କରିଥିଲେ।

# କମିଛି ଭୟ, ବଢ଼ିଛି ଉତ୍ସାହ

**କାମାକ୍ଷାନଗର, ୧୧।୧(ଡି.ଏନ.ଏ.)**

- ୯ମାସ ପରେ ଖୋଲିଲା କଲେଜ
- ପିଲାଙ୍କ ସୁରକ୍ଷାକୁ ଅଗ୍ରାଧିକାର
- ପ୍ରଥମ ଦିନ କମିଲା ଉପସ୍ଥାନ

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସୋମବାରଠାରୁ ଖୋଲିଛି କଲେଜ। ଆରମ୍ଭ ହୋଇଛି ଉଚ୍ଚଶିକ୍ଷା ପାଠପଢ଼ା। କରୋନା ସଂକ୍ରମଣ ପରେ ଦୀର୍ଘ ୯ମାସ ଧରି ବନ୍ଦ ରହିବା ପରେ ଶିକ୍ଷାନୁଷ୍ଠାନ ଖୋଲିବାର ପ୍ରଥମ ଦିନରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବାରି ହୋଇପଡ଼ିଥିଲା ଉତ୍ସାହ। ସଚେତନା, ସତର୍କତା ସହିତ ଭୟହୀନ ପରିବେଶରେ ସେମାନେ ପାଠପଢ଼ାର ମଜା ନେଉଥିବା ପରିଲକ୍ଷିତ ହୋଇଥିଲା।

ପ୍ରଥମ ଦିନରେ ଢେଙ୍କାନାଳ ଜିଲା କାମାକ୍ଷାନଗର ମହାବିଦ୍ୟାଳୟରେ ଉପସ୍ଥାନ କମ୍ ଥିଲା। କଳା, ବାଣିଜ୍ୟ ଏବଂ ବିଜ୍ଞାନର ମୋଟ ୩୬୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୪୦ ଜଣ ଉପସ୍ଥିତ ଥିଲେ। ସେହିପରି ମହିଳା ଡିଗ୍ରୀ କଲେଜର ୧୨୮ ଛାତ୍ରୀଙ୍କ ମଧ୍ୟରୁ ୪୭ଜଣ ଆସିଥିଲେ। ଆଗାମୀ ଦିନରେ ଉପସ୍ଥାନ ହାର ବଢ଼ିବ ବୋଲି ଉଭୟ କଲେଜର କର୍ତ୍ତୃପକ୍ଷ କହିଛନ୍ତି। ଯେପରି ଶିକ୍ଷାନୁଷ୍ଠାନ ଭିତରେ ସଂକ୍ରମଣ ନ ପଶେ ସେଥିଲାଗି କଲେଜ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ସାମାଜିକ ଦୂରତ୍ୱ ନିୟମ ମାନିବା ବ୍ୟବସ୍ଥା କରାଯାଇଛି। କ୍ୟାମ୍ପସ ପରିସରରେ ପରିଷ୍କାର, ପରିଚ୍ଛନ୍ନତା, ସାନିଟାଇଜେଶନ ଉପରେ ଗୁରୁତ୍ୱ ଦିଆଯାଉଛି। ସରକାରଙ୍କ କୋଭିଡ୍ ନିୟମ ଅନୁପାଳନ ସମ୍ପର୍କିତ ସବୁ ନିୟମ ଲାଗୁ କରାଯାଇଛି। ପ୍ରଥମ ଦିନରେ ପିଲାମାନଙ୍କୁ ସଚେତନ କରାଯିବା ସହ ନିଜର ସୁରକ୍ଷା ପ୍ରତି ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଥିଲା।

### ନିୟମ ଭିତରେ ପଢ଼ା ଜାରି ରହୁ



"ଦୀର୍ଘଦିନ ପରେ କଲେଜ ଖୋଲିଥିବାରୁ ଖୁସି ଲାଗୁଛି। ଅନ୍‌ଲାଇନ୍‌ରେ ପାଠପଢ଼ା ହେଉଥିବାରୁ ସବୁ ସାଙ୍ଗସାଥୀଙ୍କ ସହ ଦେଖା ହୋଇପାରୁ ନ ଥିଲା। ନିୟମ ଅନୁଯାୟୀ ପାଠପଢ଼ା ଜାରି ରହିଲେ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ।

-ସ୍ନେହଲତା ସାହୁ, କାମାକ୍ଷାନଗର ମହିଳା ଡିଗ୍ରୀ କଲେଜ

### ଶ୍ରେଣୀଗୃହ ଶିକ୍ଷାଦାନ ନିଆରା



"ଅନ୍‌ଲାଇନ୍ ଶିକ୍ଷାଦାନ ଶ୍ରେଣୀଗୃହ ପାଠପଢ଼ାର ସ୍ଥାନ ନେଇପାରିବ ନାହିଁ। ମୁକ୍ତ ବାତାବରଣରେ ପଢ଼ିବାର ଅନୁଭୂତି ନିଆରା। ପୂର୍ବରୁ ଅନେକ ବିଷୟରେ ସନ୍ଦେହ ରହୁଥିଲା। ଏବେ ସିଧାସଳଖ ଆଲୋଚନା ମାଧ୍ୟମରେ ତାହା ଦୂର ହୋଇପାରିବ।

-ଜିନା ପଟ୍ଟନାୟକ, କାମାକ୍ଷାନଗର ମହିଳା ଡିଗ୍ରୀ କଲେଜ

### ସଚେତନ ଅଛୁ, ଭୟ କମିଲାଣି



"ସଚେତନତା, ସତର୍କତା କରୋନାକୁ ଦୂର କରିପାରିବ। ଏହାକୁ ସମସ୍ତେ ଭଲ ଭାବେ ବୁଝି ସାରିଛନ୍ତି। ପୂର୍ବାପେକ୍ଷା ଭୟ କମିଛି। ଶେଷବର୍ଷ ହୋଇଥିବାରୁ ପାଠପଢ଼ାର ଗୁରୁତ୍ୱ ବେଶି। ଅଭିଭାବକ ସାମାନ୍ୟ ଆଶଙ୍କିତ ଅଛନ୍ତି। କିଛିଦିନ ଭିତରେ ଏହା ମଧ୍ୟ ଦୂର ହୋଇଯିବ।

-ସିଲା ସିଂ, କାମାକ୍ଷାନଗର ମହିଳା ଡିଗ୍ରୀ କଲେଜ

### ପିଲାଙ୍କ ଆଗ୍ରହ ଦେଖି ଖୁସି ଲାଗୁଛି



"ଛାତ୍ରୀଛାତ୍ର ଦୀର୍ଘଦିନ ଧରି ଶ୍ରେଣୀଗୃହ ଶିକ୍ଷାଠାରୁ ଦୂରରେ ରହିଥିଲେ। କଲେଜ ଖୋଲିବା ପରେ ସେମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖି ଖୁସି ଲାଗୁଛି। ସେମାନଙ୍କ ସୁରକ୍ଷା ଲାଗି କଲେଜ ପକ୍ଷରୁ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି।

-ଅଧ୍ୟାପିକା ସୁବାସିନୀ ସାଥୁଆ ମହାପାତ୍ର, କାମାକ୍ଷାନଗର କଲେଜ

### ପ୍ରାକ୍ଟିକାଲ କରିବା ସୁବିଧା ହେବ



"ଅନ୍‌ଲାଇନ୍ ପାଠପଢ଼ାରେ କେବଳ ଥିଓରି ହୋଇପାରୁଥିଲା। ପ୍ରାକ୍ଟିକାଲ ଲାଗି ସୁବିଧା ନ ଥିଲା। ବିଜ୍ଞାନ ବିଭାଗରେ ପ୍ରାକ୍ଟିକାଲ ମୁଖ୍ୟ। ଶ୍ରେଣୀଗୃହ ଖୋଲିବା ପରେ କୋଭିଡ୍ ନିୟମ ଭିତରେ ଏହା ସୁବିଧାରେ ହୋଇପାରିବ। ଏଥିଲାଗି ସମସ୍ତେ ଯତ୍ନବାନ ଅଛୁ।

-ଅଧ୍ୟାପିକା ଲିପ୍‌ସା ପ୍ରଧାନ, କାମାକ୍ଷାନଗର କଲେଜ

# କେନ୍ଦ୍ରୀୟ ବିଦ୍ୟାଳୟ: ଅଧାରୁ କମ୍ ପିଲା



ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ପ୍ରବେଶ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୧।୧**

ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟରେ ସୋମବାରଠାରୁ ଶ୍ରେଣୀଗୃହ ଶିକ୍ଷାଦାନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅଧାରୁ କମ୍ ଉପସ୍ଥାନ ରହିଥିଲା। ଦଶମ ଶ୍ରେଣୀର ୧୨୧ଜଣଙ୍କ ମଧ୍ୟରୁ ୫୩ ଏବଂ ଦ୍ୱାଦଶରେ ୭୬ରୁ ୩୧ଜଣ ଉପସ୍ଥିତ ଥିଲେ। ବିଦ୍ୟାଳୟରେ କୋଭିଡ୍ ନିୟମ ପାଳନ କଡ଼ାକଡ଼ି କରାଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ସହକର୍ମୀମାନେ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀଗୃହରେ ପ୍ରବେଶ ପୂର୍ବରୁ ଫୁଲ ଦେଇ ସ୍ୱାଗତ କରିଥିଲେ। କ୍ୟାମ୍ପସ ପରିସରରେ ରଙ୍ଗୋଲି ଅଙ୍କାଯାଇଥିଲା। ସାନିଟାଇଜରରେ ହାତ ସଫା ପରେ ସାମାଜିକ ଦୂରତ୍ୱ ନିୟମ ପାଳନ କରି ସମସ୍ତେ ଶ୍ରେଣୀକୁ ପ୍ରବେଶ କରିଥିଲେ। ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନ୍ ଶିକ୍ଷାଦାନ ଜାରି ରହିଛି। ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ସୁନୀଲ ଦାଶ, ଦେବାସ୍ମିତା ଦାସ, ଆଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କ୍ୟାମ୍ପସ ବାତାବରଣ ଚଳଚଞ୍ଚଳ

**ଢେଙ୍କାନାଳ ଅଫିସ, ୧୧।୧:** ଦୀର୍ଘ ୯ମାସର ବ୍ୟବଧାନ ପରେ ଚଳଚଞ୍ଚଳ ହୋଇଛି ଢେଙ୍କାନାଳ ଜିଲା ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ। କୋଭିଡ୍ ନିୟମ ଅନୁଯାୟୀ କଲେଜ ଖୋଲିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବ୍ୟାପକ ଉତ୍ସାହ ପରିଲକ୍ଷିତ ହୋଇଛି। ପ୍ରଥମ ଦିବସରେ ଯୁକ୍ତ ୩ ଶେଷବର୍ଷ କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗରେ ଶତକଡ଼ା ୫୦% ଉପସ୍ଥାନ ରହିଥିଲା। ମୋଟ ୫୦୦ ଛାତ୍ରୀଛାତ୍ରଙ୍କ ଭିତରୁ ୨୫୦ ଜଣ ଉପସ୍ଥିତ ଥିଲେ। ସେହିପରି ପିଜି ଶେଷବର୍ଷର ୬୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦ଜଣ ଆସିଥିଲେ। କୋଭିଡ୍ ସଂକ୍ରମଣ ଏଡ଼ାଇବା ଏବଂ ଭୟମୁକ୍ତ ପରିବେଶ ସୃଷ୍ଟି କରିବାକୁ ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ରକ୍ଷା, ସାନିଟାଇଜର ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। କୋଭିଡ୍ ନିୟମାବଳି ଲିଖିତ ଭାବେ ପ୍ରଦର୍ଶନ କରାଯାଇଥିବା ଅଧ୍ୟାପକ ଡ. ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି। ଅଧ୍ୟକ୍ଷା ଡ. ରଶ୍ମି ମିଶ୍ର କୋଭିଡ୍ ନିୟମ ଅନୁପାଳନର ତଦାରଖ କରିଥିଲେ। ସର୍ବାଧିକ ସତର୍କତା ଅବଲମ୍ବନ କରିବାକୁ ସେ ଛାତ୍ରୀଛାତ୍ର ତଥା ଅଧ୍ୟାପିକାଅଧ୍ୟାପକଙ୍କୁ ପରାମର୍ଶ ଦେଇଛନ୍ତି।



କ୍ୟାମ୍ପସ ପରିସରରେ ଛାତ୍ରମାନେ।

# ଜିଲାସ୍ତରୀୟ ନୃତ୍ୟସଙ୍ଗୀତ ପ୍ରତିଯୋଗିତା




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

**ବଅଁରପାଳ,୧୧।୧(ଡି.ଏନ.ଏ.)**

ନବବର୍ଷ ଉପଲକ୍ଷେ ସ୍ପନ୍ଦନ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଜିଲାସ୍ତରୀୟ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ହାସ୍ୟ କବି ଅବାଗିଆ ମଲ୍ଲିକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଭାପତି ଅବନୀ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ସ୍ପନ୍ଦନ ଅନୁଷ୍ଠାନର ପ୍ରତିଷ୍ଠାତା ସୁବ୍ରତ ମହାପାତ୍ର, କଲଚରାଲ ସେକ୍ରେଟାରୀ ରମେଶ୍ୱରୀ ବଳ, ଶିଶୁ ସମୂହ ପ୍ରତିନିଧି ସାୟନା ମହାପାତ୍ର, ସଞ୍ଚାଳକ ଭୋଳ ଚୌଧୁରୀ ପରିଚାଳନା କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଜାତା ସାହୁ, ମନୋଜ ନାୟକ, ଅଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ସାପଘରା କପ୍ ଉଦ୍‌ଘାଟିତ

**ବଇଣ୍ଡା,୧୧।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସାପଘରା ଗ୍ରାମ ଖେଳ ପଡ଼ିଆରେ ସୋମବାର ସାପଘରା କପ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ମିନତୀ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ମାଗୁଣି ଚରଣ ନାୟକ, ରମେଶ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ମନ୍ଦରବାହାଳ ଏବଂ ସାପଘରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମନ୍ଦରବାହାଳ ବ୍ୟାଟିଂ କରି ୮୭ ରନ୍ କରିଥିଲା। ଜବାବରେ ସାପଘରା ୮୮ ରନ୍ କରି ବିଜୟୀ ହୋଇଥିଲା। ସେହିପରି ୨ୟ ମ୍ୟାଚ ତାଳଚେରର ଜାମୁନାଳୀ ଏବଂ ଖମାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖମାର ପ୍ରଥମେ ବ୍ୟାଟିଂ କରି ୧୪୭ ରନ କରିଥିଲା। ଜବାବରେ ଜାମୁନାଳୀ ୭୬ ରନ୍ କରି ପରାସ୍ତ ହୋଇଥିଲା। ପ୍ରଶାନ୍ତ ନାୟକ, ଦୁଷ୍ମନ୍ତ ସାହୁ ଖେଳ ପରିଚାଳନା କରିଥିଲେ।

## ଗୁଣ୍ଡୁରୀକୁ ହରାଇ କୁଲାବିର ଚାମ୍ପିୟନ

**କଣିହାଁ,୧୧।୧(ଡି.ଏନ.ଏ.)**

କଣିହାଁ ବ୍ଲକ ଗଣ୍ଡମଳା ଗ୍ରାମରେ ସୋମବାର ମା' ବାଉତି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କୁଲାବିର ଓ ଗୁଣ୍ଡୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତିନୋଟି ମ୍ୟାଚରୁ କୁଲାବିର ଦୁଇଟି ମ୍ୟାଚ ଜିତି ଚାମ୍ପିୟନ ହୋଇଥିବା ବେଳେ ଗୁଣ୍ଡୁରୀ ରନର୍ସଅପ୍ ହୋଇଥିଲା। ପାଲଲହଡା ବିଧାୟକ ମୁକେଶ ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ମନୋଜ ପ୍ରଧାନ, ଭବାନୀ ସାହୁ, ସାଗର ବେହେରା, ହେମନ୍ତ ପ୍ରଧାନ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଟିମ୍।

# ଅଭିଯୁକ୍ତଙ୍କୁ ସୁଧୁରିବା ଲାଗି ବର୍ଷେ ସମୟ

**ଢେଙ୍କାନାଳ ଅଫିସ, ୧୧।୧**

- ମରଣାନ୍ତକ ଆକ୍ରମଣ ମାମଲାର ରାୟ
- ପରିବୀକ୍ଷଣ ଅଧିକାରୀଙ୍କ ତଦାରଖରେ ଛଡ଼ାଗଲା
- ମନୋଭାବ ନ ବଦଳିଲେ ଦଣ୍ଡବିଧାନ, ଜରିମାନା

ଢେଙ୍କାନାଳ ଜିଲା ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ସୋମବାର ଏକ ମରଣାନ୍ତକ ଆକ୍ରମଣ ମାମଲାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତଙ୍କୁ ସୁଧୁରିବା ଏବଂ ମାନସିକତାରେ ପରିବର୍ତ୍ତନ ଆଣିବା ଲାଗି କୋର୍ଟ ବର୍ଷେ ସମୟ ଦେଇଛନ୍ତି। ନିର୍ଦ୍ଧାରିତ ସମୟ ଭିତରେ ଏଥିରେ ପରିବର୍ତ୍ତନ ନ ଆସିଲେ ଜରିମାନା ସହ ଦଣ୍ଡବିଧାନ କରାଯିବ ବୋଲି ରାୟରେ ଉଲ୍ଲେଖ ରହିଛି।

ମାମଲାର ବିବରଣୀ ଅନୁଯାୟୀ, ମୋଟଙ୍ଗା ଥାନା ବଳରାମପ୍ରସାଦ ଗ୍ରାମରେ ୨୦୧୨ ଜୁନ୍ ୧୩ ରାତି ପ୍ରାୟ ୧୦ଟାରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଅଚ୍ୟୁତାନନ୍ଦ ନାୟକଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଗ୍ରାମର ସଞ୍ଜୟ ନାୟକ, ପ୍ରଦୀପ ନାୟକ, ପ୍ରଶାନ୍ତ ନାୟକ ଘରେ ପଶି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଅଚ୍ୟୁତାନନ୍ଦଙ୍କ ପୁଅ ଅମର ଏବଂ ସ୍ତ୍ରୀ କୁନି ଗୁରୁତର ହୋଇଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ନଂ. ୭/୧୨ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ଜିଆର କେସ୍ ନଂ. ୬୯୩/୧୨ର ଶୁଣାଣି କରି ବିଚାରପତି ଶ୍ରୀମୟୀ ନନ୍ଦ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପରିବିକ୍ଷଣ ଅଧିନିୟମ-୪ ଅନୁଯାୟୀ ପରିବିକ୍ଷଣ ଅଧିକାରୀଙ୍କ ତଦାରଖରେ ୧ ବର୍ଷ ପାଇଁ ଛାଡ଼ିଛନ୍ତି। ଏହି ସମୟ ଭିତରେ ଅଭିଯୁକ୍ତଙ୍କ ମାନସିକତା ନ ବଦଳିଲେ ପ୍ରତ୍ୟେକଙ୍କଠାରୁ ୫ହଜାର ଟଙ୍କା ଜରିମାନା ସହ ଦଣ୍ଡବିଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଲକ୍ଷ୍ମୀଧର ପଣ୍ଡା, ହେମନ୍ତ ଖଟୁଆ ମାମଲା ପରିଚାଳନା କରିଥିଲେ।

# ମୁଖ୍ୟ ଚିକିତ୍ସାଳୟ ଅନୁଧ୍ୟାନ କଲା କାୟାକଳ୍ପ ଟିମ୍

**ଅନୁଗୋଳ ଅଫିସ, ୧୧।୧**



କାୟାକଳ୍ପ ଟିମ୍ ସଦସ୍ୟମାନେ ମେଡିକାଲ ବୁଲି ଦେଖୁଛନ୍ତି।

- ବିଭିନ୍ନ ୱାର୍ଡ ବୁଲି ଦେଖିଲେ ୩ ଜଣିଆ ସଦସ୍ୟ
- ସେବା ସମ୍ପର୍କରେ ରୋଗୀଙ୍କୁ ପଚାରି ବୁଝିଲେ
- ରୋଷେଇଶାଳାରେ ଖାଦ୍ୟର ମାନ ପରଖିଲେ

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର କାୟାକଳ୍ପର ୩ ଜଣିଆ ଟିମ୍ ପହଞ୍ଚି ଚିକିତ୍ସାସେବା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ପୂର୍ବାହ୍ନରେ ବିଭିନ୍ନ ୱାର୍ଡ ବୁଲିବା ସହ ସନ୍ଧ୍ୟାରେ ରେଜିଷ୍ଟର ଯାଞ୍ଚ କରିଥିଲେ। ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କୁ ମିଳୁଥିବା ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ।

କାୟାକଳ୍ପର ଏକ ୩ ଜଣିଆ ଟିମ୍ ପୂର୍ବାହ୍ନ ସାଢ଼େ ୧୦ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଏହି ଟିମ୍‌ରେ ଡାକ୍ତର ଶୁଭ୍ରାଂଶୁ ପ୍ରଧାନ, ଡାକ୍ତର ବିକାଶ ପଟ୍ଟନାୟକ ଓ ଡାକ୍ତର ହୀରାଲାଲ୍ ନାୟକ ଆସିଥିବାବେଳେ ମେଡିକାଲ କର୍ତ୍ତୃପକ୍ଷ ପାଖେ ପାଖେ ରହିଥିଲେ। ଟିମ୍ ସଦସ୍ୟମାନେ ପ୍ରଥମେ ମେଡିକାଲ ପାଚେରି, ସଫେଇ ଉପରେ ଅନୁଧ୍ୟାନ କରିଥିଲେ। ବାୟୋ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପରେ ବିଭିନ୍ନ ୱାର୍ଡ ଓ ବିଭାଗ ସହ ମେଡିସିନ୍ ଷ୍ଟୋର, ରୋଷେଇ ଘର, ଲଣ୍ଡ୍ରି, ପ୍ରସୂତି ବିଭାଗ ଓ ଅସ୍ତ୍ରୋପଚାର ଗୃହ ମଧ୍ୟ ପରିଦର୍ଶନ କରିଥିଲେ। ଚିକିତ୍ସା ସେବା ସହ କର୍ମଚାରୀମାନେ କିଭଳି ବ୍ୟବହାର ପ୍ରଦର୍ଶନ କରୁଛନ୍ତି, ଠିକ୍ ସମୟରେ ଖାଦ୍ୟ ପ୍ରଦାନ କରାଯାଉଛି କି ନାହିଁ, ଖାଦ୍ୟର ଗୁଣବତ୍ତା କିଭଳି, କର୍ମଚାରୀମାନେ ପରିଷ୍କାର ରହୁଛନ୍ତି କି ନାହିଁ ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେହିପରି ମେଡିକାଲ କର୍ମଚାରୀଙ୍କୁ ଠିକ୍ ସମୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି କି ନାହିଁ, କେତେ ସଂଖ୍ୟାରେ କର୍ମଚାରୀ ପ୍ରଶିକ୍ଷଣରେ ଅଂଶଗ୍ରହଣ କରୁଛନ୍ତି, ସଂକ୍ରମଣ ରୋକିବାକୁ ସେମାନେ ଉପଯୁକ୍ତ ପଦକ୍ଷେପ ନେଉଛନ୍ତି କି ନାହିଁ ତାହା ବୁଝିଥିଲେ। ତେବେ ଟିମ୍ ଆସିବା ପୂର୍ବରୁ ମେଡିକାଲ କର୍ତ୍ତୃପକ୍ଷ ଡାକ୍ତରଖାନାର ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେଇଥିବା ଦେଖିବାକୁ ମିଳିଥିଲା। ସୌନ୍ଦର୍ଯ୍ୟ ବଢ଼ାଇବାକୁ ବିଭିନ୍ନ ସ୍ଥାନରେ ଚିତା ପକାଯିବା ସହ ଫୁଲ କୁଣ୍ଡ ରଖାଯାଇଥିଲା। ରୋଗୀ ଓ ସମ୍ପର୍କୀୟ ବସିବାକୁ ସେଡ୍ ବ୍ୟବସ୍ଥା କରାଯାଇଥିଲା। କାୟାକଳ୍ପ ଟିମ୍ ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅଭୟ କୁମାର ଦାସ, ମେଡିକାଲ ମ୍ୟାନେଜର ଦେବାଶିଷ ଦାଶ, ଏଡିଏମ୍‌ଓ (ମେଡିକାଲ) ବିଶ୍ୱବିହାରୀ ମହାନ୍ତି, ମାଇକ୍ରୋବାୟୋଲୋଜିଷ୍ଟ ଏସ୍. ତ୍ରିପାଠୀଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ନୂତନ କର୍ମକର୍ତ୍ତା ଚୟନ

**ଅନୁଗୋଳ ଅଫିସ, ୧୧।୧:** ଅନୁଗୋଳ ଷ୍ଟାଡିୟମଠାରେ ସୂର-ତାଲ ସେବା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କର୍ମକର୍ତ୍ତା ଚୟନ କରାଯାଇଛି। ପ୍ରଭାତ କୁମାର ଦାସ ଓ ବିଶ୍ୱରଞ୍ଜନ ସିହ୍ନା ନିର୍ବାଚନ ପରିଚାଳନା କରିଥିଲେ। ସର୍ବସମ୍ମତିକ୍ରମେ ଅଜୟ କୁମାର ନାଥ ସଭାପତି, ଅଜିତ କୁମାର ସାହୁ ଉପସଭାପତି, ଚୈତନ୍ୟ ପୋଲାଇ ସମ୍ପାଦକ, ଅଶୋକ କୁମାର ଶର୍ମା ସହ ସମ୍ପାଦକ, ପୂର୍ଣ୍ଣଚନ୍ଦ୍ର କର ସାଂସ୍କୃତିକ ସମ୍ପାଦକ, ପ୍ରକାଶ କୁମାର ନନ୍ଦ ସହ ସାଂସ୍କୃତିକ ସମ୍ପାଦକ, ମୃତ୍ୟୁଞ୍ଜୟ ମହାପାତ୍ର କୋଷାଧକ୍ଷ, ସତ୍ୟାନାରାୟଣ ଦାସ ସହ କୋଷାଧକ୍ଷ ଓ ୯ ଜଣଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



କର୍ମକର୍ତ୍ତା ଚୟନ ବୈଠକରେ ଅନୁଷ୍ଠାନର ସଦସ୍ୟମାନେ।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୨ ଜାନୁୟାରୀ ୨୦୨୧



## ସଂକ୍ଷେପରେ

### ୧୦ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୧୧।୧: ଅନୁଗୋଳ ଜିଲାରେ ସୋମବାର ୧୦ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ ହଜାର ୭୪ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଅଁରପାଳ ବ୍ଲକରୁ ସର୍ବାଧିକ ୫ ଜଣ, ଅନୁଗୋଳ ପୌରାଞ୍ଚଳରୁ ୨ ତାଳଚେର ବ୍ଲକରୁ ଜଣେ, ତାଳଚେର ପୌରାଞ୍ଚଳରୁ ଜଣେ ଓ ପାଲଲହଡ଼ା ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୨୧ ଜଣ କରୋନାରୁ ସୁସ୍ଥ ହୋଇଥିବା ସୂଚନା ପ୍ରଦାନ କରାଯାଇଛି।

### ସେନାରେ ନିଯୁକ୍ତି ପାଇଁ ପ୍ରଶିକ୍ଷଣ

ଅନୁଗୋଳ ଅଫିସ, ୧୧।୧: ସେନାବାହିନୀରେ ନିଯୁକ୍ତି ପାଇଁ ଆସନ୍ତା ମାର୍ଚ୍ଚ ୨ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ରାଲି ଅନୁଷ୍ଠିତ ହେବ। ଅନୁଗୋଳ ଜିଲାରେ ଆସନ୍ତା ୨୭ ତାରିଖରୁ ଫେବୃୟାରୀ ୨୫ ପର୍ଯ୍ୟନ୍ତ ପ୍ରାକ୍ ପ୍ରଶିକ୍ଷଣ ପ୍ରଦାନ କରାଯିବ। ପ୍ରାର୍ଥୀଙ୍କ ବୟସ ୧୭ରୁ ୨୩ ବର୍ଷ ମଧ୍ୟରେ, ଉଚ୍ଚତା ୧୬୨ରୁ ୧୭୦ ସେଣ୍ଟିମିଟର ହୋଇଥିବା ଆବଶ୍ୟକ। ଏଥିସହ ଦଶମ ଶ୍ରେଣୀରେ ଅନ୍ତତଃ ୪୫ ପ୍ରତିଶତ ନମ୍ବର ଓ ଦ୍ୱାଦଶରେ ୫୦ ପ୍ରତିଶତ ନମ୍ବର ରଖିଥିବା ଆବଶ୍ୟକ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରାର୍ଥୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତାର ମୂଳ ପ୍ରମାଣପତ୍ର ସହ ଜିଲା ନିୟୋଜନ କାର୍ଯ୍ୟାଳୟରେ ଜାନୁୟାରୀ ୧୮ ରୁ ୨୫ ମଧ୍ୟରେ ନାମ ପଞ୍ଜୀକରଣ କରିପାରିବେ ବୋଲି ଜିଲା ନିୟୋଜନ ଅଧିକାରୀ ସୂଚନା ଦେଇଛନ୍ତି। ତାଲିମ ଶିବିରରେ ଅଂଶଗ୍ରହଣ ପାଇଁ ଆବଶ୍ୟକ ଯୋଗ୍ୟତା ସହ କୋଭିଡ୍ ନିୟମ ପାଳନ ବାଧ୍ୟତାମୂଳକ ବୋଲି ସେ କହିଛନ୍ତି।

### ଗରମତେଲ ଫିଙ୍ଗି ଦେଢ଼ଶୁର ଗିରଫ

କଣିହାଁ,୧୧।୧(ଡି.ଏନ.ଏ.): କଣିହାଁ ବ୍ଲକ ରେଙ୍ଗାଳି ପୋଲିସ ପାରିବାରିକ ଗଣ୍ଡଗୋଳକୁ ନେଇ ସୋମବାର ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ପୋଡ଼ାଗଡ଼ ଗ୍ରାମର ଯାତ୍ରାକର ସାହୁ ଓ ତାଙ୍କ ଭାଇବୋହୂ ପ୍ରିୟତମା ସାହୁଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଯାତ୍ରାକର ଉତ୍କ୍ଷିପ୍ତ ହୋଇ ଗରମ ତେଲ ଫିଙ୍ଗିବାରୁ ପ୍ରିୟତମା ଗୁରୁତର ହୋଇଥିଲେ। ଏ ନେଇ ପ୍ରିୟତମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୬/୨୦୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ନର୍ସ, ଡାକ୍ତରଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଅନୁଗୋଳ ଅଫିସ, ୧୧।୧: ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ରାତି ୯ଟାରେ ଜଣେ ମହିଳା ଡାକ୍ତର ଓ ନର୍ସଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ପୌରାଞ୍ଚଳର ଜଣେ ମହିଳାଙ୍କୁ କାଶ ନ କମିବାରୁ ମେଡିକାଲ ଅଣାଯାଇଥିଲା। ଡାକ୍ତର ତାଙ୍କୁ ଆଇସୋଲେସନ୍ ୱାର୍ଡରେ ଭର୍ତ୍ତି କରିବା ପରେ ଇନ୍‌ଫେକସନ୍ ୱାର୍ଡକୁ ପଠାଇଥିଲେ। ସନ୍ଧ୍ୟାରେ ମହିଳା ଜଣଙ୍କ ବିଭିନ୍ନ ସ୍ଥାନରେ ବୁଲାବୁଲି କରୁଥିବା ଦେଖି କାର୍ଯ୍ୟରେ ଥିବା ନର୍ସ ବାରଣ କରିଥିଲେ। ମାସ୍କ ପିନ୍ଧି ଚଳପ୍ରଚଳ କରିବାକୁ ଉପଦେଶ ଦେଇଥିଲେ। ଏତିକିରେ ମହିଳା ଜଣଙ୍କ ଉତ୍କ୍ଷିପ୍ତ ହୋଇ ନର୍ସ ଓ ପରେ ଡାକ୍ତରଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ପରେ କର୍ତ୍ତୃପକ୍ଷ ମହିଳା ରୋଗୀଙ୍କୁ ବୁଝାଶୁଝା କରିବା ପରେ ସେ ଶାନ୍ତ ପଡ଼ିଥିଲେ।

### ଡିକି ଭାଙ୍ଗି ଲୁଟ୍ ଉଦ୍ୟମ

ଅନୁଗୋଳ ଅଫିସ, ୧୧।୧: ଅନୁଗୋଳ ସହର ମାରୱାଡି ଧର୍ମଶାଳା ନିକଟରେ ସୋମବାର ମୋଟରସାଇକେଲ ଡିକି ଭାଙ୍ଗି ଦୁଇ ଦୁର୍ବୃତ୍ତ ଲକ୍ଷେ ଟଙ୍କା ଲୁଟି ନେବାକୁ ଉଦ୍ୟମ କରିଥିଲେ। ହେଲେ ଗାଡ଼ି ମାଲିକ ପାଟି କରିବାରୁ ସେମାନେ ଘଟଣାସ୍ଥଳରୁ ଖସି ଯାଇଥିଲେ। ସୂଚନା ଅନୁଯାୟୀ, ବଅଁରପାଳ ବ୍ଲକ ସଞ୍ଜପଡ଼ା ଗ୍ରାମର ବ୍ରହ୍ମାନନ୍ଦ ପଟ୍ଟନାୟକ ଅନୁଗୋଳ ଏସବିଆଇ ମୁଖ୍ୟ ଶାଖାରୁ ଟଙ୍କା ଉଠାଇ ଡିକିରେ ରଖି ଧର୍ମଶାଳା ନିକଟରେ ପୂଜା ସାମଗ୍ରୀ କିଣୁଥିଲେ। ଏହି ସମୟରେ ଦୁଇ ଦୁର୍ବୃତ୍ତ ଗାଡ଼ି ଡିକି ଭାଙ୍ଗି ଟଙ୍କା ଲୁଟ ପାଇଁ ଉଦ୍ୟମ କରୁଥିବା ଦେଖି ବ୍ରହ୍ମାନନ୍ଦ ପାଟି କରିଥିଲେ। ଜଣେ ଦୁର୍ବୃତ୍ତ ଦୌଡ଼ି ପଳାଉଥିବା ବେଳେ ଅନ୍ୟ ଜଣେ ଏକ ବାଇକ୍‌ରେ ତାଙ୍କୁ ନେଇ ଜାତୀୟ ରାଜପଥରେ ଫେରାର ହୋଇଯାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିନାହାନ୍ତି।

# ପାଇକ କଳାକୁ ନାହିଁ ପ୍ରୋତ୍ସାହନ

ଦୀନେଶ ଦେହୁରୀ
ବନ୍ତଲା,୧୧।୧

ଶତ୍ରୁ ଆକ୍ରମଣ ବେଳେ ରାଜାଙ୍କ ଗଡ଼କୁ ସୁରକ୍ଷା ଦେଉଥିଲେ। ପାରମ୍ପରିକ ଅସ୍ତ୍ରଶସ୍ତ୍ରଧରି ଇଂରେଜମାନଙ୍କ ପଥରୋଧ କରିଥିଲେ। ସ୍ୱତନ୍ତ୍ର ସମରକଳାରେ ନିପୁଣ କ୍ଷତ୍ରିୟ ପାଇକମାନେ ସେତେବେଳେ ନିଜ ସାହସ, ବୀରତ୍ୱ ପାଇଁ ବେଶ୍ ପ୍ରଶଂସା ପାଉଥିଲେ। ହେଲେ ଅନୁଗୋଳ ଜିଲା ପ୍ରଶାସନ ଦ୍ୱାରା ସେମାନଙ୍କ କଳା, ପରିବାର ଏବେ ଉପେକ୍ଷିତ। ସରକାରଙ୍କ ପକ୍ଷରୁ ସେମାନଙ୍କୁ କୌଣସି ସହାୟତା କି ପ୍ରୋତ୍ସାହନ ମିଳୁନାହିଁ। ମୂଲମଜୁରି କରି ଜିଲାର କ୍ଷତ୍ରିୟ ପାଇକମାନେ ଚଳୁଥିବା ବେଳେ ସେମାନଙ୍କ କଳାକୁ ବଞ୍ଚାଇ ରଖିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉ ନାହିଁ। ଏପରି କି ଜିଲା ମହୋତ୍ସବରେ ପାଇକ କଳାକୁ ପୁରସ୍କୃତ କରୁଥିବା ପ୍ରଶାସନ ଏହାକୁ ପଞ୍ଜୀକରଣ କରିବାକୁ ମଧ୍ୟ ଆଗ୍ରହ ପ୍ରକାଶ କରୁ ନ ଥିବା ବନ୍ତଲା ଥାନା ବଡ଼ହିଂସ କ୍ଷତ୍ରିୟ ପାଇକ ପରିବାରଗୁଡ଼ିକ ପକ୍ଷରୁ ଅଭିଯୋଗ ହେଉଛି।

ପାଇକମାନଙ୍କ କହିବା ଅନୁଯାୟୀ, ୫ ଶହ ବର୍ଷ ପୂର୍ବରୁ ରାଜା ଅନୁ କନ୍ଧ ତଳଗଡ଼ରେ ଗଡ଼ ସ୍ଥାପନ କରିଥିଲେ। ଉକ୍ତ ଗଡ଼କୁ ସୁରକ୍ଷା ଦେବା ପାଇଁ ସେତେବେଳର କ୍ଷତ୍ରିୟ ପାଇକମାନେ ଖୋର୍ଦ୍ଧା, ବୌଦ୍ଧ, ନୟାଗଡ଼, ରାଜଖରିଆର ଆଦି ସ୍ଥାନରୁ ସେମାନଙ୍କ ବଂଶଧରଙ୍କୁ ଏଠାକୁ ଆଣିଥିଲେ। ବର୍ତ୍ତମାନ ଗ୍ରାମରେ ସମୁଦାୟ ୯୦ ପାଇକ ପରିବାର ବାସ କରୁଛନ୍ତି। ଆଜି ବି ସେମାନେ ସମରକଳାର ଅଭ୍ୟାସ ଜାରି ରଖିଛନ୍ତି। ପାରମ୍ପରିକ ଅସ୍ତ୍ରଶସ୍ତ୍ର ଖଣ୍ଡା, କାତି, ପଟା, ଟିପା, ଢାଲ, ତଲୁଆର, ଟାଙ୍ଗି, ଛୁରି ଆଦି ସେମାନେ ସାଇତି ରଖିଛନ୍ତି। ପ୍ରତିବର୍ଷ ଦଶହରା ସମୟରେ ମା' ଭୈରବୀ ଠାକୁରାଣୀଙ୍କ ନିକଟରେ ସେସବୁ ପୂଜା କରି କଳା ପ୍ରଦର୍ଶନ କରିଥାନ୍ତି। ଇତିମଧ୍ୟରେ ବହୁ ପୁରାତନ ଅସ୍ତ୍ର ନଷ୍ଟ ଅବସ୍ଥାକୁ ଆସିଗଲାଣି। ହେଲେ ଅର୍ଥ ଅଭାବରୁ ନୂଆ ସାମଗ୍ରୀ କିଣାଯାଇପାରୁ ନାହିଁ। ଯାହା ଅଳ୍ପ କିଛି ଅସ୍ତ୍ରଶସ୍ତ୍ର ରହିଛି ତାହାକୁ ଧରି ପୋକତୁଙ୍ଗା, ବାରଗୌଣିଆ, ଧୋକୁଟା, ଶଙ୍ଖପୁର, ଲାଛବନ୍ଧ, ବନ୍ତଲା, ଖୃଣ୍ଡା, ଗଡ଼ତରାଶ, ତଳଗଡ଼, କଣ୍ଟମେଘ, କଞ୍ଚା, କଣ୍ଟକୁଳ, ଅନୁଗୋଳ, ତାଳଚେର, ଆଠମଲ୍ଲିକ, ଢେଙ୍କାନାଳ, ବଲାଙ୍ଗୀର, ରାଜଖରିଆର, ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼, କଟକ ଆଦି ସ୍ଥାନରେ ନିଜ କଳା ପ୍ରଦର୍ଶନ କରି ପାଇକମାନେ ଅନେକ ପୁରସ୍କାର ପାଇପାରିଛନ୍ତି। ଅନୁଗୋଳ ଜିଲା ମହୋତ୍ସବରେ ମଧ୍ୟ ସେମାନେ ପୁରସ୍କୃତ ହୋଇଛନ୍ତି। ଜିଲାର କ୍ଷତ୍ରିୟ ପାଇକମାନଙ୍କ ସମ୍ପର୍କରେ ପ୍ରଶାସନ ଅବଗତ ଥିଲେ ମଧ୍ୟ କଳାର ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନେଉନାହିଁ। ପାଇକ କଳାକୁ ପଞ୍ଜୀକରଣ କରାଯାଉ ନାହିଁ କି କଳାକାରଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉ ନାହିଁ ବୋଲି ଗ୍ରାମ ସଭାପତି ଶ୍ରୀଖର ଗଡ଼ନାୟକ, ସମ୍ପାଦକ କେଦାର ପଧାନ, ଦୋଳଗୋବିନ୍ଦ ପଧାନ, ଉମେଶ ଜେନା, ଲମ୍ବୋଦର ପତିଆର, ପ୍ରାଣବନ୍ଧୁ ପତିଆର, ପବନା ଗଡ଼ନାୟକ, ପବିତ୍ର ପତିଆର, ବଂଶୀଧର ପତିଆର, ବିରଞ୍ଚି ପତିଆର, କେଶବ ପଧାନ, ବେଣୁଧର ଗଡ଼ନାୟକ, ମଦନ ପତିଆର, ପରଭାସିଆ ପତିଆର, ଗୌରା ସାମଲ ଦୁଃଖର ସହିତ ପ୍ରକାଶ କରିଛନ୍ତି।



ଗ୍ରାମର ପାଇକମାନେ କଳା ପ୍ରଦର୍ଶନ କରୁଛନ୍ତି।

- ପଞ୍ଜୀକରଣ କରିନାହିଁ ପ୍ରଶାସନ
- ବଞ୍ଚାଇ ରଖିବାକୁ ଚାଲିଛି ସଂଘର୍ଷ
- ଅର୍ଥାଭାବରୁ କିଣାଯାଇପାରୁନି ଅସ୍ତ୍ରଶସ୍ତ୍ର

#### ପରିବାର ଖର୍ଚ୍ଚରୁ କିଛି ଅର୍ଥ ଦେଉଛୁ



"ବଡ଼ହିଂସ କ୍ଷତ୍ରିୟ ପାଇକମାନେ ସରକାରଙ୍କ ଠାରୁ କୌଣସି ସୁବିଧା ପାଉନାହାନ୍ତି। ମୂଲମଜୁରି କରି ଚଳୁଥିଲେ ମଧ ନିଜ କଳାକୁ ସୁରକ୍ଷିତ ରଖିବା ପାଇଁ ସେମାନେ ବହୁ ପରିଶ୍ରମ କରୁଛନ୍ତି। ନିଜ ପରିବାର ଚଳାଇବା ଅର୍ଥରୁ କିଛି ବାହାର କରି କଳାର ସୁରକ୍ଷା ପାଇଁ ଦେଉଛନ୍ତି।

-କୁମର ସାମଲ, ଗ୍ରାମବାସୀ

#### ଆବାସଟିଏ ଆଜିଯାଏ ମିଳିନି



"ଯେଉଁ ଜାଗାରେ ପାଇକମାନେ ରହୁଛନ୍ତି ତାହା ଜଣେ ଜମିଦାରଙ୍କ ନାମରେ ଅଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଆଜିପର୍ଯ୍ୟନ୍ତ ପାଇକଙ୍କ ନାମରେ ତାହା ହୋଇପାରୁନାହିଁ ସେଥିପାଇଁ ଆବାସ ଯୋଜନାରେ ଘରଟିଏ ମିଳିପାରୁନି। ସରକାର ଦୃଷ୍ଟି ଦେଲେ କଳାର ପୁନରୁଦ୍ଧାର ହୋଇପାରିବ।

-ଶମ୍ଭୁନାଥ ପଧାନ, ଗ୍ରାମବାସୀ

#### ସଂଗ୍ରାମ ଜାରି ରଖିବୁ



"ଜିଲା ପ୍ରଶାସନ ପାଇକ କଳାକୁ ପଞ୍ଜୀକରଣ କରୁନାହିଁ। ଫଳରେ ଆମ ଦୁଃଖ ସରକାରଙ୍କ ନିକଟରେ ପହଞ୍ଚିପାରୁନି। ଜିଲା ମହୋତ୍ସବରେ ପୁରସ୍କାର ଦେଉଥିବା ପ୍ରଶାସନ ସର୍ବଦା ଅବହେଳା କରୁଛି। ତଥାପି ଆମ କଳାକୁ ସାଇତି ରଖିବା ପାଇଁ ଆମେ ଦିନରାତି ସଂଗ୍ରାମ ଜାରି ରଖିବୁ।

-କେଶବ ପତିଆର, ଗ୍ରାମବାସୀ

#### ଅବହେଳାର ଶିକାର ହେଉଛୁ



"ବୁଡ଼ି ଯାଉଥିବା ପାଇକ କଳା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ବହୁ ଚେଷ୍ଟା କରାଯାଇଛି। ସରକାର ଆମ ଦୁଃଖ ବୁଝୁନାହାନ୍ତି କି କଳାର ସୁରକ୍ଷା ସମ୍ପର୍କରେ ଚିନ୍ତା କରୁନାହାନ୍ତି। ଗ୍ରାମର ପାଇକ ପରିବାରମାନେ ଦୀର୍ଘବର୍ଷ ହେଲା ଏପରି ଅବହେଳାର ଶିକାର ହୋଇ ଆସୁଛନ୍ତି।

-ବଂଶୀଧର ପତିଆର, ଗ୍ରାମବାସୀ

#### ଭତ୍ତା ଦେଉନାହାନ୍ତି ସରକାର



"ପିଲା ଦିନରୁ ଅନେକ ସ୍ଥାନରେ ସମରକଳା ପ୍ରଦର୍ଶନ କରୁଛୁ। ବୟସର ଶେଷ ସୋପାନରେ ପହଞ୍ଚିସାରିଥିଲେ ମଧ ଏଯାଏ ସରକାର ଭତ୍ତା ଦେଲେନି। ଘରଡିହ ପଟ୍ଟା ନ ଥିବାରୁ ପିଲାମାନେ ବହୁ ହଇରାଣ ହେଉଛନ୍ତି। ସରକାର ଗରିବମାନଙ୍କୁ ପକ୍କା ଘର ଦେଉଥିଲେ ମଧ ଆଜିଯାଏ ଆମେ ଭଙ୍ଗା ଚାଳ ଘରେ ପଡ଼ିରହିଛୁ।

-ଲମ୍ବୋଦର ପତିଆର, ଗ୍ରାମବାସୀ

#### ସୁରକ୍ଷା ମିଳିଲେ ଉପକୃତ ହୁଅନ୍ତୁ



"ଗାଁରେ ୩୦ ବିଧବା, ବୃଦ୍ଧାବୃଦ୍ଧ ଅଛନ୍ତି। କିନ୍ତୁ ଆଜିଯାଏ କେହି ଭତ୍ତା ପାଇନାହାନ୍ତି। ଭୋଟ ବେଳେ ବହୁ ନେତା ଆସୁଛନ୍ତି। ଗ୍ରାମବାସୀଙ୍କୁ ମୁଣ୍ଡିଆ ମାରି ନାନା ପ୍ରତିଶ୍ରୁତି ଦେଇ ଯାଉଛନ୍ତି। କିନ୍ତୁ ଆମ କଥା ସରକାରଙ୍କ ନିକଟରେ କେହି ପହଞ୍ଚାଇ ପାରୁନାହାନ୍ତି। ସରକାର ପାଇକ ପରିବାର ଓ କଳାକୁ ସୁରକ୍ଷା ଦେଲେ ଉପକୃତ ହୁଅନ୍ତୁ।

-ଗୌରା ସାମଲ, ଗ୍ରାମବାସୀ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଅନୁଗୋଳ ଅଫିସ, ୧୧।୧

ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ଉପରେ ଜିଲା ପ୍ରଶାସନ ପକ୍ଷରୁ ଚଢ଼ାଉ ଜାରି ରହିଛି। ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ଟ୍ରକ୍, ଟ୍ରାକ୍ଟର ଓ ଟିପ୍ପରଗୁଡ଼ିକରୁ ଜରିମାନା ଆଦାୟ କରାଯାଉଛି। ମାମଲା ମଧ୍ୟ ରୁଜୁ ହେଉଛି। ହେଲେ ମାଲ୍ ପରିବହନ କରୁଥିବା ଟିପ୍ପର ମାଲିକ ସଂଘ ଏହାକୁ ନେଇ ଆପତ୍ତି ଉଠାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ବାଲି ଘାଟରୁ ରସିଦ କାଟି ପଣ୍ୟ ଆଣୁଥିଲେ ମଧ୍ୟ ପ୍ରଶାସନ ଏହାକୁ ବେଆଇନ ଦର୍ଶାଉଛି। ପୂର୍ବରୁ ଏ ନେଇ ପ୍ରଶାସନ ନିକଟରେ ଗୁହାରି କରାଯାଇଥିଲେ ହେଁ ସୁଫଳ ମିଳି ନ ଥିବାରୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିବା କୁହାଯାଇଛି। ସଂଘ କହିଛି, ବାଲି ବାବଦକୁ ରୟାଲଟି ଦାଖଲ କରିବା ପରେ ଗାଡ଼ିରେ ମାଲ୍ ପରିବହନ ହେଉଛି। ଖାଦାନ ନିଲାମ ନେଇଥିବା ମାଲିକମାନେ ରସିଦ ପ୍ରଦାନ କରୁଥିବାବେଳେ ପ୍ରଶାସନ ଏହାକୁ ଗ୍ରହଣ କରୁନାହିଁ। ଉକ୍ତ ୱାଇ ଫର୍ମ ବୈଧ ନୁହେଁ ଦର୍ଶାଇ ଗାଡ଼ିକୁ ଅଟକ ରଖି ଥାନା ଜିମା ଦିଆଯାଉଛି। ଜରିମାନା ଦାଖଲ କରିବା ପରେ ଗାଡ଼ିକୁ ଛଡ଼ାଯାଉଛି। ଯେଉଁ ଆକାରରେ ଜରିମାନା ଆଦାୟ ହେଉଛି, ତାହା ଭରଣ କରିବା ସମ୍ଭବ ନୁହେଁ। ତେଣୁ ପ୍ରଶାସନ ରୟାଲଟି ବାବଦ ଟଙ୍କା ରଖି ୱାଇ ଫର୍ମ ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହା ନ ହେଲେ ଆଗାମୀ ଦିନରେ ସମସ୍ତ ଗାଡ଼ି ଜିଲାପାଳଙ୍କୁ ଅର୍ପଣ କରି ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ସୁନୀଲ କୁମାର ପାଲ, ଲଳିତ ମୋହନ ପାଲ, ନିରୋଦ କୁମାର ବେହେରା, ଅମୂଲ୍ୟ ସାହୁ, ହେମନ୍ତ ପ୍ରଧାନ, ବିକାଶ ନାଥ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

ପାଲଲହଡ଼ା,୧୧।୧(ଡି.ଏନ.ଏ.)

ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ସୋମବାର ଝରବେଡା ଏବଂ ନାମପଶି ପଞ୍ଚାୟତ ଗସ୍ତକରି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଧାୟକ ପାଲ ସ୍ଥାନୀୟ ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଧାୟକ ପ୍ରଥମେ ପାଲଲହଡ଼ା ବ୍ଲକର ଝାରବେଡ଼ା ପଞ୍ଚାୟତ ତଳବହାଳୀ ଗ୍ରାମରେ ଆମ ଗାଁ ଆମ ବିକାଶ ଯୋଜନା ଅଧୀନରେ ନିର୍ମିତ ଗୋଷ୍ଠୀ କେନ୍ଦ୍ରଗୃହକୁ ଉଦ୍‌ଘାଟନ କରିଥିଲେ। ପରେ ସେହି ଗ୍ରାମର ମା' ମଙ୍ଗଳା ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ନମପଶି ପଞ୍ଚାୟତ ଗସ୍ତ କରି ମହୁରପାଣି ଗ୍ରାମରେ ଲୋକଙ୍କ ସହ ବୈଠକ କରିବା ସହ ଗ୍ରାମରେ ଲାଗି ରହିଥିବା ମୌଳିକ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର କୁମାର ଭୁକ୍ତା, ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।



ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି ବିଧାୟକ।

## ଏଏପିର ବ୍ଲକସ୍ତରୀୟ ବୈଠକ

ଢେଙ୍କାନାଳ ଅଫିସ, ୧୧।୧

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀ ହାଟଠାରେ ଆମ୍ ଆଦମୀ ପାର୍ଟି (ଏଏପି)ର ବ୍ଲକସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ଆଇନଜୀବୀ ପ୍ରକାଶ ଚନ୍ଦ୍ର ରାଉତ ଯୋଗଦେଇ ଦଳର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ବ୍ଲକ ସମ୍ପାଦକ ଭାବେ ଲାଲା ବିଶ୍ୱନାଥ ସିଂ, ଉପସଭାପତି ଲକ୍ଷ୍ମଣ ନାୟକ, ମୋଟଙ୍ଗା ପଞ୍ଚାୟତ ସଭାପତି ମାଗୁଣି ନାୟକ, ବିଡୋ ପଞ୍ଚାୟତ ସଭାପତି ସୁରେଶ ଭୋଇ, ନିମିଧା ପଞ୍ଚାୟତ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ, ଖଡଗପ୍ରସାଦ ପଞ୍ଚାୟତ ସଭାପତି ନଟବର ନାୟକ, ମଙ୍ଗଳପୁର ପଞ୍ଚାୟତ ସଭାପତି ସନାତନ ନାୟକ, କୁସୁପଙ୍ଗା ପଞ୍ଚାୟତ ସଭାପତି ଲିପୁନ ନାୟକ, କମଳାଙ୍ଗ ପଞ୍ଚାୟତ ସଭାପତି ଭାବେ ରମେଶ ନାୟକଙ୍କୁ ମନୋନୀତ କରାଯାଇଛି।

## ରାମଚଣ୍ଡୀ ପୀଠରେ ଶ୍ରୀବିଷ୍ଣୁ ମହାଯଜ୍ଞ



କଳସ ଶୋଭାଯାତ୍ରାରେ ମହିଳା ଶ୍ରଦ୍ଧାଳୁମାନେ।

ଢେଙ୍କାନାଳ ଅଫିସ, ୧୧।୧

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନାଧରାର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ ସୋମବାରଠାରୁ ଆରମ୍ଭ ହୋଇଛି ଶ୍ରୀବିଷ୍ଣୁ ମହାଯଜ୍ଞ। ଏହି ଉପଲକ୍ଷେ ବ୍ରାହ୍ମଣୀ ନଦୀ କୂଳରୁ ପୂଜାର୍ଚ୍ଚନା କରି ଶତାଧିକ ମହିଳା ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। କମିଟି ପକ୍ଷରୁ କୋଭିଡ୍ ନିୟମ ଆଧାରରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ପ୍ରାଦେଶିକ ସନ୍ଥ ସମ୍ମିଳନୀ, ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀପାଠ, ଶ୍ରୀ ଗୋକନକେଶ୍ୱର ମହାଦେବଙ୍କ ରୁଦ୍ରାଭିଷେକ, ଶୋଡ଼ଷ ଉପଚାର ଅନୁଷ୍ଠିତ ହେବ। ୧୩ ତାରିଖରେ ସୂର୍ଯ୍ୟପୂଜା, ଶନି ମହାରାଜଙ୍କ ଅଭିଷେକ, ସିଦ୍ଧ ବିନାୟକଙ୍କ ଶୋଡ଼ଷ ଉପଚାର ପୂଜା କରାଯିବ। ୧୪ ତାରିଖ ମକର ସଂକ୍ରାନ୍ତିରେ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି।

## ମଣ୍ଡି ଉପରେ ଛିଣ୍ଡିଲା ବିଦ୍ୟୁତ୍ ତାର

ପାଲଲହଡ଼ା,୧୧।୧(ଡି.ଏନ.ଏ.)

ପାଲଲହଡା ବ୍ଲକ ନିଜିଗଡ଼ ସେବା ସମବାୟ ସମିତିଠାରେ ଖୋଲା ଯାଇଥିବା ଧାନ ମଣ୍ଡିରେ ସୋମବାର ଦୁର୍ଘଟଣା ଘଟିଛି। ଚାଷୀମାନେ ଧାନ ବିକ୍ରି କରିବା ପାଇଁ ଛିଡା ହୋଇଥିବାବେଳେ ମଣ୍ଡି ଉପର ଦେଇ ଯାଇଥିବା ଏକ ୧୧ କେ.ଭି. ବିଦ୍ୟୁତ୍ ତାର ହଠାତ୍ ଛିଣ୍ଡି ପଡିଥିଲା। ଫଳରେ ସେଠାରେ ଉପସ୍ଥିତ ମଣ୍ଡି କର୍ମଚାରୀ ଏବଂ କେତେଜଣ ଚାଷୀ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ଏ ନେଇ ସୋସାଇଟି ସମ୍ପାଦକ ସ୍ଥାନୀୟ ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କୁ ଜଣାଇଥିଲେ। ଉପଜିଲାପାଳ ପ୍ରଧାନ ତୁରନ୍ତ ବିଦ୍ୟୁତ୍ ଲାଇନ ମରାମତି ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ୍ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମରାମତି କରିଥିଲେ। ସୋସାଇଟି ସମ୍ପାଦକ ଡିଲେଶ୍ୱର ପ୍ରଧାନ କହିଛନ୍ତି, ମଣ୍ଡି ପାଖଦେଇ ଯାଇଥିବା ବିଦ୍ୟୁତ୍ ତାର ବହୁତ ତଳେ ଯାଇଥିବାରୁ ବିଭିନ୍ନ ସମୟରେ ଧାନ ପରିବହନ କରୁଥିବା ଟ୍ରକ୍‌ଗୁଡିକ ସଂସ୍ପର୍ଶରେ ଆସି ଛିଣ୍ଡୁଛି। ଏ ନେଇ ବାରମ୍ବାର ବିଦ୍ୟୁତ୍ ବିଭାଗକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।



ମଣ୍ଡି ସମ୍ମୁଖରେ ଟ୍ରକ୍‌ରେ ଧାନ ଲୋଡ୍ କରାଯାଉଛି।

## ଢେଙ୍କାନାଳରେ ୬,୩୫୫ ପକ୍ଷୀ

ଢେଙ୍କାନାଳ ଅଫିସ, ୧୧।୧



- ବନ ବିଭାଗର ଗଣନା ଶେଷ
- ୨୮ ପ୍ରଜାତି ଠାବ ହେଲା

ଢେଙ୍କାନାଳରେ ପକ୍ଷୀଗଣନା ଶେଷ ହୋଇଛି। ଜିଲାର ବିଭିନ୍ନ ବନଖଣ୍ଡ, ସଂରକ୍ଷିତ ଜଙ୍ଗଲ, ଜଳାଶୟରେ ହୋଇଥିବା ଏହି ଗଣନାରୁ ୬,୩୫୫ ପକ୍ଷୀ ରହିଥିବା ଜଣାପଡ଼ିଛି। ତନ୍ମଧ୍ୟରେ କେତେକ ଅତିଥି ପକ୍ଷୀ ମଧ୍ୟ ଅଛନ୍ତି। ମୋଟ ୨୮ ପ୍ରଜାତିର ପକ୍ଷୀ ଠାବ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଗତ ୩ ତାରିଖରେ ପକ୍ଷୀ ଗଣନା ଅନୁଷ୍ଠିତ ହୋଇଥିଲା। ଏଥିଲାଗି ବିଭିନ୍ନ ବନାଞ୍ଚଳ ଲାଗି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ପରଜଙ୍ଗ ବ୍ଲକର ଦଦରାଘାଟି, କଙ୍କଡ଼ାହାଡ଼ ବ୍ଲକର ଦଣ୍ଡାଧର, ହିନ୍ଦୋଳ ବ୍ଲକର ସାପୁଆ ଜଳଭଣ୍ଡାର, ବ୍ରାହ୍ମଣୀ ନଦୀ, ରାମିଆଳ ନଦୀ ଅବବାହିକା ସମେତ ବିଦେଶୀ ପକ୍ଷୀ ଆସୁଥିବା ଜଳାଶୟରେ ଗଣନା କାର୍ଯ୍ୟ ହୋଇଥିଲା। ଚଳିତବର୍ଷ ଜିଲାକୁ ପାଣିକୁଆ, ଖଞ୍ଜନବଗ, ବଗ, ଗେଣ୍ଡାଳିଆ, ବିଦେଶୀ ପକ୍ଷୀ, ମାଛରଙ୍କା, ସ୍କିମର, ପାତିହଂସ, ଆଦି ପ୍ରଜାତିର ବହୁ ପକ୍ଷୀଙ୍କ ସମାଗମ ହୋଇଛି। ସେମାନଙ୍କ ମଧ୍ୟରେ ଗ୍ରେଟ୍ କର୍ମୋରାଣ୍ଟ ଫାଲାକ୍ରୋ କ୍ରୋକ୍‌ରାକ୍ସ କାର୍ବୋ ୭୩, ଇଣ୍ଡିଆନ୍ ସାଗ୍ ପି ଫୁସିକଲିସ୍ ୫୪୮, ଇଣ୍ଡିଆନ କଟନଟେଲ ୪୧, ଲିଟିଲ କର୍ମୋରାଣ୍ଟ ପି. ନାଇଜର ୫୦୫, ଇଣ୍ଡିଆ ପଣ୍ଡ୍ ହେରନ ଆର୍‌ଡେଓଲା ଗ୍ରାଇଲ ୩୬୯, କ୍ୟାଟେଲ ଇଗ୍ରେଟ୍ ବୁବୁଲକସ୍ ଇବିସ୍ ୭୦, ଲିଟିଲ ଇଗ୍ରେଟ୍ ଇ ଗାର୍ଜେଟା ୧୨୦, ଗ୍ରେଟ୍ ଇଗ୍ରେଟ୍ ଇ ଆଲବା ୬୭୯, ଗ୍ରେ ହେରନ ଏ ଚିନେରିଆ ୭୦, ୱାଇଟ୍ ବେଲିଡ୍ ହେରନ ଏ-ଇମ୍ପେରିଆଲିସ ୬୯, ଚେଷ୍ଟନଟ୍ ବିଟର୍ନ ଆଇ ସିନାମୋମସ ୨୯୬, ଆସିଆନ ଓପନବିଲ ଆନାଷ୍ଟୋମସ ଓଷ୍ଟିଆନ୍ସ ୨୪୩, ୱାଇଡ୍ ଷ୍ଟର୍କ ସି ସିକୋନିଆ ୪୩, ବ୍ଲାକ ଷ୍ଟର୍କ ସିକୋନିଆ ନିଗ୍ରା ୨, ବ୍ଲାକ ଇବିସ୍ ପେସେଡିବିସ୍ ପାପିଲୋସା ୬୦, ବ୍ରାହ୍ମିନ ରୁଡିସ୍ ସିଡଲକ୍ ପାଡୋରନା ଫିଜୁନିୟସ ୧୫୬, କମନ ସେଲଡକ୍ ଟି ଟଡୋର୍ନା ୮, କମନ ପୋଚାର୍ଡ ଆୟାଥା ଫେରିନା ୧୬୮, ଟପଟେଡ୍ ଡକ୍ ଏ ଫୁଲିଗୁଲା ୨୦୦୦, ରିଭର ଲାପୁଇଙ୍ଗ୍ ୭୦, ୟଲୋ ୱାଟଲ୍‌ଡ ଲାପଉଇଙ୍ଗ୍ ୭, ଗ୍ରେ ହେଡେଡ୍ ଲାପୁଇଙ୍ଗ୍ ୮୭, ଉଡ୍ ସାଣ୍ଡିପର ୧, ଲିଟିଲ ଷ୍ଟିଣ୍ଟ ୨, କିଙ୍ଗଫିଶର ୫୦୮, ୱିସକେଡ୍ ଟେମ୍ ଚାଇଲଡୋନିଆସ୍ ହାଇବ୍ରିଡା ୯, ୱାଟର ହେନ୍ ୧୦୮ ଏବଂ ବ୍ଲାକ କାଇଟ୍ ୪୩ ରହିଥିବା ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

